# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 22 April – 2026

---

## କ୍ୟାବିନେଟ

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

---

## ଏକକ ବାତାୟନ ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ ବୈଠକରେ ୩ ହଜାର ୮୭୭ କୋଟି ୧୪ ଲକ୍ଷ ଟଙ୍କାର ମୋଟ୍ ୧୮ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୭ ହଜାର ୫୬୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ୧୧ଟି ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା ହେବ ବୋଲି ଜଣାପଡିଛି। ବୈଠକରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଷ୍ଟିଲ୍, ଆଲୁମିନିୟମ୍, ଇଲେକ୍‌ଟ୍ରୋନିକ୍ସ, ଔଷଧ, ସଡ଼କ, ପରିବେଶ ସଂରକ୍ଷଣ ଆଦି ରହିଛି ।

---

## ଇସ୍ପାତ କାରଖାନା

ରାଜ୍ୟର କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ପୋସ୍କୋ ଓ ଜେଏସ୍‌ଡବ୍ଲୁ ମିଳିତ ଭାବେ ଇସ୍ପାତ କାରଖାନା ସ୍ଥାପନ କରିବେ ବୋଲି ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି । ଶ୍ରୀ ଶର୍ମା କହିଛନ୍ତି ଢେଙ୍କାନାଳରେ ବାର୍ଷିକ ୬ ନିୟୁତ ଟନ୍ ଓ କେନ୍ଦୁଝରରେ ୫ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ ହେବ । ପ୍ରସ୍ତାବିତ କାରଖାନାରେ ଅଟୋମୋବାଇଲ୍ ଓ ଅନ୍ୟାନ୍ୟ କ୍ଷେତ୍ର ପାଇଁ ଉଚ୍ଚମାନର ଇସ୍ପାତ ଉତ୍ପାଦନ କରାଯିବ । ୨୦୩୧ ମସିହା ସୁଦ୍ଧା ପ୍ଲାଣ୍ଟ୍ କାର୍ଯ୍ୟ ସମାପ୍ତ ହେବ ବୋଲି ଶ୍ରୀ ଶର୍ମା କହିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ-କୋରିଆ ବ୍ୟବସାୟ ସମ୍ମିଳନୀରେ ଏଥିପାଇଁ ବୁଝାମଣା ସ୍ୱାକ୍ଷରିତ ହୋଇଥିବା ସୂଚନା ମିଳିଛି ।

## ରେଳ ପ୍ରକଳ୍ପ

କଳାହାଣ୍ଡି ଲୋକସଭା କ୍ଷେତ୍ରରେ ରେଳବାଇ ପ୍ରକଳ୍ପ  ସଂପର୍କିତ ବିଭିନ୍ନ ଦାବି ନେଇ କଳାହାଣ୍ଡି ସାଂସଦ ମାଳବିକା ଦେବୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି । ସାକ୍ଷାତ ବେଳେ ସାଂସଦ ରେଳମନ୍ତ୍ରୀଙ୍କୁ ୨ଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ଓଡ଼ିଶାର ୨୬ଟି ଜିଲ୍ଲାକୁ ରେଳ ସଂଯୋଗ ହୋଇଥିବା ବେଳେ ଆଗକୁ ୩୦ଟି ଜିଲ୍ଲାକୁ ରେଳ ସଂଯୋଗ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

## ତୃତୀୟ ଲିଙ୍ଗୀ କଲ୍ୟାଣ ବୋର୍ଡ

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟ ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡ ପୁନର୍ଗଠନ କରାଯାଇଛି । ମୁଖ୍ୟ ଶାସନ

ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପୁନର୍ଗଠିତ ଏହି ବୋର୍ଡରେ ୧୧ ଜଣ ସଦସ୍ୟ ରହିଛନ୍ତି। ଏହି ବୋର୍ଡ ତୃତୀୟ ଲିଙ୍ଗୀଙ୍କ ଅଧିକାର ସୁନିଶ୍ଚିତ କରିବା ସହ ସେମାନଙ୍କ କଲ୍ୟାଣ ଓ ଥଇଥାନ ପାଇଁ କାର୍ଯ୍ୟ କରିବ।

## ଜେଇଇ

ଜେଇଇ ଆଡଭାନ୍ସ ପାଇଁ ଆସନ୍ତାକାଲିଠାରୁ ମଇମାସ ୨ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ହେବ । ଚଳିତବର୍ଷ ୧୪ଲକ୍ଷ ଛାତ୍ରଛାତ୍ରୀ ଜେଇଇ ମେନ୍ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ଅଢ଼େଇଲକ୍ଷ ଛାତ୍ରଛାତ୍ରୀ ଆଡଭାନ୍ସ ପରୀକ୍ଷା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।

## ଶ୍ରୀମନ୍ଦିର-ଦଶାବତାର ମୂର୍ତ୍ତି

ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଦଶାବତାର ମୂର୍ତ୍ତି ପୁନଃସଂସ୍ଥାପନ ପ୍ରସ୍ତାବ ସଂପର୍କରେ ମାର୍ଗଦର୍ଶନ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମଦ୍ ଜଗଦ୍‌ଗୁରୁଙ୍କୁ ଅନୁରୋଧ କରାଯାଇଛି। ପୂର୍ବରୁ ୨୦୧୨ ମସିହାରେ ଏଏସ୍‌ଆଇ ପକ୍ଷରୁ ସିଂହଦ୍ୱାର ଗୁମୁଟ ଓ ପାର୍ଶ୍ୱବର୍ତ୍ତୀ ପୁରାତନ ନିର୍ମାଣ କାର୍ଯ୍ୟର ମରାମତି ଓ ସଂରକ୍ଷଣ କରାଯାଇଥିଲା । ଏହି ସମୟରେ ଦଶାବତାର ମୂର୍ତ୍ତି ଅପସାରଣ କରାଯାଇ ନୂତନ ପ୍ରସ୍ତର ବିମ୍ ସ୍ଥାପନ କରାଯାଇଥିଲା।

## ଦକ୍ଷତା ବୃଦ୍ଧି ଶିବିର

ନୂଆପଡ଼ା ନ୍ୟାଶନାଲ୍ କଲେଜ ଠାରେ ଜାତୀୟ ସେବା ଯୋଜନା ଦକ୍ଷତା ବୃଦ୍ଧି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

---

## ଧରିତ୍ରୀ ଦିବସ

ପୃଥିବୀର ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଆଜି ଧରିତ୍ରୀ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି **'ଆମ କ୍ଷମତା ଆମ ଗ୍ରହ'** । ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକାରେ ପ୍ରଥମଥର ପାଇଁ ଧରିତ୍ରୀ ଦିବସ ପାଳନ କରାଯାଇଥିଲା । ଏକ ଉତ୍ତମ ଭବିଷ୍ୟତ ଓ ସୁସ୍ଥ ପୃଥିବୀର ଗଠନ ଲାଗି ସମସ୍ତଙ୍କୁ ସଚେତନ କରାଇବା ଏହି ଦିବସର ମୂଳଲକ୍ଷ୍ୟ । ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଏବଂ ଘରୋଇ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୧୮ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିଲା । ଝାରସୁଗୁଡ଼ାଠାରେ ସର୍ବାଧିକ ତାପମାତ୍ରା ୪୩ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ

କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଅପରପକ୍ଷରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

## କ୍ରୀଡ଼ା ପ୍ରତିଯୋଗିତା

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦୋବଲ କାଳିପଡ଼ିଆଠାରେ ୧୧ ଦିନ ଧରି ଚାଲିଥିବା ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତରେ ୫୦୦ରୁ ଊର୍ଦ୍ଧ୍ୱ ଆନ୍ତଃ କ୍ଲବ୍ ଓ ଆନ୍ତଃ ବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଅଂଶ ଗ୍ରହଣ କରିଥିଲେ।

## ସିଏମ୍ ଟ୍ରଫି

ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ାସଂଘ ପକ୍ଷରୁ ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି ଆନ୍ତଃକ୍ଲବ୍ ଓ ଆନ୍ତଃଜିଲ୍ଲା କବାଡ଼ି, ଖୋଖୋ, ଭଲିବଲ୍ ଚମ୍ପିୟାନ୍‌ସିପ୍-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଚମ୍ପିୟାନ୍‌ସିପ୍‌ରେ ମୋଟ୍ ୩୬ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି ।